# ଇଦ୍-ଉଲ୍-ଫିତର ନମାଜ ପାଠ ପାଇଁ ଆପ୍'ର ଦାବି



କଟକ,୨୨।୫/ଏନ୍‌ଏନ୍‌ଏସ୍: ମୁସଲିମ ସମ୍ପ୍ରଦାୟର ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ରାଜ୍ୟବ୍ୟାପୀ ନମାଜ ପାଠ କରିବା ନିମନ୍ତେ ସରକାର ଅନୁମତି ଦେବାକୁ ଆମ୍ ଆଦମୀ ପାର୍ଟି ରାଜ୍ୟ ସଂଖ୍ୟାଲଘୁ ପକ୍ଷରୁ ଦାବି ହୋଇଛି । ଏନେଇ ସଭାପତି ସେଖ୍ ମୁଖ୍ତିୟାର ବକ୍ସଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଟକ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ସମସ୍ତ ଓଡ଼ିଶାବାସୀଙ୍କ ତରଫରୁ ପବିତ୍ର ଇଦ୍-ଉଲ୍-ଫିତର ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କୁ ଆଗୁଆ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ କେତେକ ଦାବି ଉପସ୍ଥାପନ କରାଯାଇଛି । ପ୍ରତ୍ୟେକ ବର୍ଷ ପରି ରମଜାନ ମାସରେ ଏକ ମାସର ଉପବାସ ପରେ ଇସଲାମ ଧର୍ମାବଲମ୍ବୀମାନଙ୍କ ପାଇଁ ସାରା ବିଶ୍ୱରେ ଏହି ପର୍ବ ପାଳନ କରାଯାଇଥାଏ । ଚଳିତବର୍ଷ କୋଭିଡ୍- ୧୯ (କରୋନା) ମହାମାରୀ ପାଇଁ ରାଜ୍ୟର ସମସ୍ତ ମସଜିଦରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସାମାଜିକ ଦୂରତା ନିୟମକୁ ବଜାୟ ରଖି ଦୀର୍ଘ ୨ମାସରୁ ଊର୍ଦ୍ଧ୍ୱ ହେବ ସମସ୍ତେ ନିଜ ନିଜର ଘରେ ରହି ନମାଜ ପାଠ କରିଆସୁଛନ୍ତି । ତେଣୁ ସମସ୍ତେ ସର୍ତକ ଓ ସଜାଗ ରହି ରାଜ୍ୟର ୪ ହଜାରରୁ ଊର୍ଦ୍ଧ୍ୱ ମସଜିଦ୍‌ରେ ଇମାମ ସାହବମାନଙ୍କ ଦ୍ୱାରା ପବିତ୍ର ଇଦ୍-ଉଲ-ଫିତରରେ ମାତ୍ର ଏକଘଣ୍ଟା ପାଇଁ ଗ୍ରୀନ୍ ଜୋନ୍ ଅଞ୍ଚଳରେ ସାମାଜିକ ଦୂରତା ବଜାୟ ରଖି ନମାଜପାଠ କରିବାକୁ ପାର୍ଟି ପକ୍ଷରୁ ନିବେଦନ କରାଯାଇଛି । ଏଥି ସହିତ ବାହାରୁ ଆସି କ୍ୱାରେଣ୍ଟାଇନ୍‌ରେ ଥିବା ବ୍ୟକ୍ତି ବିଶେଷଙ୍କୁ ମସଜିଦ୍‌ରେ ପଶିବାକୁ ନଦେଇ ଇଦ୍-ଉଲ-ଫିତରର ନମାଜ ପଢିବା ପାଇଁ ରାଜ୍ୟ ସରକାର ଅନୁମତି ଦେଲେ ସାମୁହିକ ନମାଜ ପାଠ କରାଯାଇପାରିବ । ସେ ଉଲ୍ଲେଖ କରିଛନ୍ତି ଯେ ପ୍ରତ୍ୟେକ ଧର୍ମରେ ମଦ୍ୟପାନ କରିବାକୁ ବାରଣ କରାଯାଇଛି । ଏଠାରେ ସରକାର ମଦ ପିଇବାକୁ ଅନୁମତି ଦେଉଛନ୍ତି । ସେହିଭଳି ମଦ ପିଇବା ଦ୍ୱାରା ବିଭିନ୍ନ ଦୁର୍ଘଟଣା ଘଟିବା ସହ ସମାଜରେ ଅପରାଧ ବୃଦ୍ଧି ପାଉଛି । ତେଣୁ ମଦ ପାଇଁ ଯଦି ସରକାର ଅନୁମତି ଦେଇପାରୁଛନ୍ତି ତେବେ ବିଶ୍ୱଶାନ୍ତି ପାଇଁ ନମାଜ, ପୂଜା, ପ୍ରାର୍ଥନାରେ କାହିଁକି ଅବହେଳା କରାଯାଉଛି । ଦାବିପତ୍ର ପ୍ରଦାନବେଳେ ଆମ ଆଦମୀ ପାର୍ଟି ପକ୍ଷରୁ ନଗର ସମ୍ପାଦକ ବିଜୟ ମହାରଣା, ନଗର ସହ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଚକ୍ରବର୍ତ୍ତୀ, ନଗର ସଂଖ୍ୟାଲଘୁ ସଭାପତି ନିଆଜ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ ।